## ସଂକ୍ଷେପରେ

### କାଳବୈଶାଖୀ ତାଣ୍ଡବ

**ରାସୋଳ, ୭।୫(ଡି.ଏନ.ଏ.):** ଢେଙ୍କାନାଳ ଜିଲା ରାସୋଳ ଅଞ୍ଚଳରେ ଶୁକ୍ରବାର କାଳବୈଶାଖୀ ତାଣ୍ଡବ ରଚିଛି। ଅପରାହ୍ନ ୩ଟାରୁ ସାଢେ ୪ଟା ଯାଏ ପାଖାପାଖି ଦେଢ଼ ଘଣ୍ଟା ଧରି ହୋଇଥିବା ପ୍ରବଳ ତୋଫାନ ସାଙ୍ଗକୁ କୁଆପଥର ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଭିନ୍ନ ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଛି। ଚାଳଛପର ସାଙ୍ଗକୁ ଟିଣ ଉଡ଼ିଯାଇଛି। ବର୍ଷାପବନ ଯୋଗୁ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ବିଭାଗ ପକ୍ଷରୁ ମରାମତି କାମ ଚାଲିଛି। ଖବର ଲେଖାଯିବା ସୁଦ୍ଧା ଅନେକ ସ୍ଥାନକୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇପାରି ନ ଥିବା ଜଣାପଡ଼ିଛି। ଅନ୍ୟପଟେ ବର୍ଷା ଯୋଗୁ ତାପମାତ୍ରା ହ୍ରାସ ପାଇଥିବାବେଳେ ଗୁଳୁଗୁଳିରୁ ସାମୟିକ ଆଶ୍ୱସ୍ତି ମିଳିଛି।

### ବିପୁଳ ମଦ ଜବତ

**ଢେଙ୍କାନାଳ ଅଫିସ, ୭।୫:** ଢେଙ୍କାନାଳ ଜିଲା ସଦର ଥାନା ଝାରଗାଡ଼ିଆ ଫାଣ୍ଡି ଅଧୀନ ସିମିନଇ କଲେଜ ନିକଟରୁ ଶୁକ୍ରବାର ଏକ ଆଜବେଷ୍ଟସ୍ ଘରୁ ବିପୁଳ ପରିମାଣରେ ବିଦେଶୀ ମଦ ସହ ଏକ ଫ୍ରିଜ୍ ଜବତ ହୋଇଛି। ଚୋରା ମଦ ବ୍ୟବସାୟ କରୁଥିବା ଅଭିଯୋଗରେ ମୋଟଙ୍ଗା ଥାନା ପତଳା ଗ୍ରାମର ବିଶ୍ୱଜିତ୍ ରାଉତ (୨୧)ଙ୍କୁ ପୋଲିସ ଗିରଫ କରିଛି। ଉକ୍ତ ଘରେ ଦୀର୍ଘଦିନ ଧରି ଏଭଳି ବେଆଇନ କାରବାର ଚାଲିଥିବା ସୂଚନା ପାଇ ଫାଣ୍ଡି ଅଧିକାରୀ ମାଧବାନନ୍ଦ ନାୟକ, ଏସ୍ଆଇ ପ୍ରଦୀପ ପାତ୍ର ସଦଳବଳ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୭୬ ବୋତଲ ବିଅର, ୪ ବୋତଲ ହ୍ୱିସ୍କି, ୩୯ ବୋତଲ ରମ୍ ଜବତ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଢେଙ୍କାନାଳ ଅଫିସ, ୭।୫:** ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ନରେନ୍ଦ୍ରପୁର ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ସୁନୀଲ କୁମାର ଶଙ୍ଖୁଆ (୨୫)। ପରିବାର ସଦସ୍ୟ ଏହା ଏକ ହତ୍ୟାକାଣ୍ଡ ବୋଲି ଅନୁମାନ କରୁଛନ୍ତି। ପୋଲିସ ଘଟଣାର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ କରିବାକୁ ସେମାନେ ଦାବି କରିଛନ୍ତି। ସୁନୀଲ ଜଣେ ଡାଇନାମା ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ଘର ପରଜଙ୍ଗ ଥାନା ଜଟିଆ ଗ୍ରାମରେ। ଏ ସଂକ୍ରାନ୍ତରେ ଥାନାରେ ନଂ. ୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଥିବା ପୋଲିସ କହିଛି।

### ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନ, ୭।୫(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ବଡ଼ହାଟ ନିକଟରେ ଥିବା ମା’ କାଲୁଣୀ ଦେବୀଙ୍କ ନୂତନ ମନ୍ଦିର ନିର୍ମାଣ ଲାଗି



ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଶୁଭେନ୍ଦୁ ସାହୁ ସଂକଳ୍ପ କାର୍ଯ୍ୟ ତୁଲାଇଥିଲେ। କେତେଜଣ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗରେ ମନ୍ଦିର ନିର୍ମାଣ କରାଯାଉଛି। ଖିଚିଂରୁ ମା’ଙ୍କ ମୂର୍ତ୍ତି ଅଣାଯାଇ ସ୍ଥାପନା କରାଯିବ ବୋଲି ପରିଚାଳନା କମିଟି ପକ୍ଷରୁ କୁହାଯାଇଛି। ବଡ଼ହାଟ ସଂକୀର୍ତ୍ତନମଣ୍ଡଳୀ, ସଂକୀର୍ତ୍ତନ ଗୁରୁ ପଣ୍ଡିତ ବେହେରା, ଗୋପୀନାଥ ମହାନ୍ତି, ବିଳାସ ସାମଲ, କୈଳାସ ଚନ୍ଦ୍ର ପାତ୍ର, ଦେବେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ତପୋବନ ପୀଠରେ ଅହୋରାତ୍ର ଘୃତାହୁତି

**ଢେଙ୍କାନାଳ ଅଫିସ, ୭।୫:** ବିଶ୍ୱବାସୀଙ୍କୁ କରୋନା ମହାମାରୀରୁ ରକ୍ଷା କରିବା ଲାଗି ଢେଙ୍କାନାଳ ଜିଲା କପିଳାସ ତପୋବନ ପୀଠରେ ଗୁରୁବାର ଅହୋରାତ୍ର ଘୃତାହୁତି ପ୍ରଦାନ କରାଯାଇଛି। ଚୈତ୍ର କୃଷ୍ଣ ଦଶମୀ ତିଥିରେ ଏହି କାର୍ଯ୍ୟକ୍ରମ ନୀତି ଅନୁଯାୟୀ ସମ୍ପନ୍ନ ହୋଇଛି। ଭୋର ୪ଟାରୁ ଅଖଣ୍ଡ ବ୍ରହ୍ମଧୁନି ସଂସ୍ଥାପନ କରାଯାଇଥିଲା। କୌପିନଧାରୀ ମହିମା ସମାଜର ଧର୍ମାଧକ୍ଷ ଶ୍ରୀମଦ୍ ରଘୁନାଥ ବାବା ପ୍ରଥମେ ଘୃତାହୁତି ଦେବା ସହ ଶୂନ୍ୟଦିଅଁଙ୍କ ନିକଟରେ ବିଶ୍ୱକଲ୍ୟାଣ କାମନା କରିଥିଲେ। ଏହି ଉପଲକ୍ଷେ ସନ୍ଥକବି ଭୀମ ଭୋଇଙ୍କ ରଚିତ ସ୍ତୁତି ଚିନ୍ତାମଣି ପାଠ କରାଯାଇଥିଲା। ଶ୍ରୀକାନ୍ତ ଦେହୁରୀ, ମାୟାଧର ଦାସ, ଦେବାନନ୍ଦ ବାବା, ପ୍ରଶାନ୍ତ ମହାପାତ୍ର, ପ୍ରଦ୍ୟୁମ୍ନ ରଥ ପ୍ରମୁଖ ସହଯୋଗ କରିଥିଲେ। ରାଜୀବ ଲୋଚନ ସିଂହଦେଓ ପୀଠରେ ଭିକ୍ଷାର ବ୍ୟବସ୍ଥା କରିଥିଲେ।

# ଖାଉଟିଙ୍କୁ ମହଙ୍ଗା ମାଡ଼



**ଭୁବନ, ୭।୫(ଡି.ଏନ.ଏ)**

- ଦୈନିକ ମାର୍କେଟ ସ୍ଥାନାନ୍ତର ପରେ ବଢ଼ିଛି ସମସ୍ୟା
- ଆସୁନାହାନ୍ତି ବାହାର ଅଞ୍ଚଳର ପରିବା ବ୍ୟବସାୟୀ
- କୃତ୍ରିମ ଅଭାବ ସୃଷ୍ଟି କରି ଦର ବଢ଼ାଉଛନ୍ତି ବେପାରୀ

ଗୋଟିଏ ପଟେ ମହାମାରୀ ଆତଙ୍କ ଅନ୍ୟପଟେ ମହଙ୍ଗା ମାଡ଼। ଏହାର ମଝିରେ ପେଷି ହୋଇଯାଉଛନ୍ତି ସାଧାରଣ ଖାଉଟି। ଲକ୍‌ଡାଉନ୍ ଲାଗୁ ପରେ ବାହାରୁ ପରିବା ଆସିବା ବନ୍ଦ ହୋଇଛି। ଏହାର ସୁଯୋଗରେ ଅସାଧୁ ବ୍ୟବସାୟୀମାନେ ଗୋଦାମରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖି କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି, ଯାହା ମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀ ପାଇଁ ବେଡି ଉପରେ କୋରଡା ମାଡ଼ ସଦୃଶ ହୋଇଛି। ପ୍ରଶାସନ ଚଢ଼ାଉ କରି ଦରବୃଦ୍ଧି ନିୟନ୍ତ୍ରଣ ନ କଲେ ଆଗାମୀ ଦିନରେ ଆଳୁ, ପିଆଜ ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶଛୁଆଁ ହେବ ବୋଲି ଆଶଙ୍କା ବ୍ୟକ୍ତ କଲେଣି ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ବୁଦ୍ଧିଜୀବୀ।

ଭୁବନ ସହରାଞ୍ଚଳରେ ବଢୁଥିବା କରୋନା ସଂକ୍ରମଣ ପ୍ରତିହତ କରିବାକୁ ପ୍ରଶାସନ ପକ୍ଷରୁ ନୂଆବଜାର ଦୈନିକ ପରିବା ମାର୍କେଟକୁ ଡାକବଙ୍ଗଳା ଛକକୁ ସ୍ଥାନାନ୍ତର କରାଯାଇଛି। ପୂର୍ବସ୍ଥାନରେ ଥିବା ବଜାରକୁ ଭୁବନ, ଗଁଦିଆ ସମେତ ସୁକିନ୍ଦା ବ୍ଲକ ଅଞ୍ଚଳର ୨୦୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ଆସୁଥିଲେ। ସେମାନେ କଟକ, ଭୁବନେଶ୍ୱର, ଢେଙ୍କାନାଳ, ଯାଜପୁର ଜିଲାର ବିଭିନ୍ନ ସ୍ଥାନରୁ ଟଟକା ପରିବା ଆଣି ଆଞ୍ଚଳିକ ବଜାରରେ ବିକ୍ରି କରୁଥିଲେ। ସେହିପରି ଭୁବନ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ପଠାରୁ ଉତ୍ପାଦିତ ପ୍ରଚୁର ସବୁଜ ପନିପରିବା ସ୍ଥାନୀୟ ଖାଉଟିଙ୍କ ଚାହିଦା ମେଣ୍ଟାଇବା ସହ ବାହାରକୁ ରପ୍ତାନି ମଧ୍ୟ ହେଉଥିଲା। ପରିବା ମାର୍କେଟ ଗ୍ରାମକୁ ଲାଗି ରହିଥିବାରୁ ବିକ୍ରିବଟା ସୁବିଧା ହେଉଥିଲା। ହେଲେ ଡାକବଙ୍ଗଳା ଛକକୁ ସ୍ଥାନାନ୍ତର ହେବା ପରେ ଉଭୟ ବ୍ୟବସାୟୀ ଏବଂ ଉପଭୋକ୍ତାଙ୍କ ସମସ୍ୟା ବଢ଼ିଛି। ଲକ୍‌ଡାଉନ୍‌ର ପ୍ରଥମ ଦିନରେ କଟକଣା ଯୋଗୁ ଆସିଥିବା ବ୍ୟବସାୟୀଙ୍କ ବିପୁଳ ପରିମାଣର ପରିବା ନଷ୍ଟ ହୋଇଥିଲା। କରୋନା ସଂକ୍ରମଣ ଭୟ, ବ୍ୟବସାୟ ମାନ୍ଦା ଏବଂ ଲକ୍‌ଡାଉନ୍ କଟକଣା ଯୋଗୁ ଏବେ ବାହାରର ବ୍ୟବସାୟୀ ଆସିବା ବନ୍ଦ କରିଦେଇଛନ୍ତି। ୨୦୦ ସ୍ଥାନରେ ଏବେ ୫୦-୬୦ ବ୍ୟବସାୟୀ ଆସୁଛନ୍ତି। ତେଣୁ ବାହାର ପରିବା ଆସୁନାହିଁ। କେତେକ ବ୍ୟବସାୟୀ ନିଜ ଗୋଦାମରେ ଆଳୁ, ପିଆଜ ସହ ପରିବା ଗଚ୍ଛିତ ରଖି ଚଢ଼ା ଦରରେ ବିକ୍ରି କରୁଛନ୍ତି। ଲକ୍‌ଡାଉନ୍ ପୂର୍ବରୁ ଆଳୁ ଦର ୧୦ରୁ ୧୨ଟଙ୍କା ରହିଥିବାବେଳେ ଏବେ ୨୦ ଡେଇଁଲାଣି। ପିଆଜ ୧୫ ଟଙ୍କାରୁ ୨୫ ଟଙ୍କାରେ ପହଞ୍ଚିଛି। ପୋଟଳ, ଝୁଡଙ୍ଗ, କଲରା, କାକୁଡ଼ି, ସଜନା ଛୁଇଁ, ଭେଣ୍ଡି ଦର ଦେଢ଼ ଗୁଣା ବଢ଼ିଛି। ଏଭଳି ଦରବୃଦ୍ଧିରେ ଅତିଷ୍ଠ ହୋଇ ଗ୍ରାହକଙ୍କ ସଂଖ୍ୟା ମଧ୍ୟ କମିଗଲାଣି। ଅପରପକ୍ଷେ ଅମାନିଆମାନେ କୋଭିଡ୍ ନିୟମ ପାଳନ କରୁ ନ ଥିବାରୁ ବ୍ୟବସାୟୀଙ୍କୁ ପୋଲିସ କାର୍ଯ୍ୟାନୁଷ୍ଠାନ ଭୟ ରହୁଛି। ସେମାନେ ଠିକ୍ ଭାବେ ବ୍ୟବସାୟ କରିପାରୁନାହାନ୍ତି।

### ବେପାର କରିବାକୁ ସମୟ ହେଉନି



“ଲକ୍‌ଡାଉନ୍ ପାଇଁ ବାହାର ବ୍ୟବସାୟୀ ଆସିବାକୁ ଅମଙ୍ଗ ହେଉଛନ୍ତି। ଗ୍ରାହକ ସଂଖ୍ୟା କମିଯିବା ପରେ ଏହାର ପ୍ରଭାବ ବ୍ୟବସାୟ ଉପରେ ପଡ଼ିଛି। ଗୋଦାମରୁ ମାଲ୍ ଆଣି ସଜାଡ଼ିବା ବେଳକୁ ୧୨ଟା ହୋଇଯାଉଛି। ବେପାର କରିବାକୁ ସମୟ ମିଳୁନାହିଁ। ପରିବା ବ୍ୟବସାୟ କଟକଣା କୋହଳ କରାଗଲେ କ୍ଷୁଦ୍ର ବ୍ୟବସାୟୀ ଉପକୃତ ହୋଇପାରନ୍ତେ।

-ଗୌରାଙ୍ଗ ଚରଣ ବାରିକ, ଭୁବନ ଦୈନିକ ପରିବା ମାର୍କେଟ ସଭାପତି

### ବାହାରୁ ପରିବା ଆସୁନାହିଁ



“ଲକ୍‌ଡାଉନ୍ ପୂର୍ବରୁ ବାହାରୁ ପନିପରିବା ଆଣି ସ୍ଥାନୀୟ ବ୍ୟବସାୟୀଙ୍କ ଜରିଆରେ ବିକ୍ରି କରୁଥିଲି। ଏବେ କଟକଣା ଲାଗୁ ପରେ ବାହାରୁ ପନିପରିବା ଆସିବା ବନ୍ଦ ହୋଇଯାଇଛି। କେତେଜଣ ବ୍ୟବସାୟୀ ଗୋଦାମରେ ଆଳୁ, ପିଆଜ ସହିତ ବିଭିନ୍ନ ପରିବା ଗଚ୍ଛିତ କରି ରଖିବା ସହ ଚଢ଼ା ଦରରେ ବିକ୍ରି କରୁଛନ୍ତି, ଯାହା ଖାଉଟିଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।

-ମାନସ କୁମାର ନାୟକ, ବ୍ୟବସାୟୀ

### ମନଇଚ୍ଛା ଦରରେ ବିକ୍ରି କରୁଛନ୍ତି



“ପୂର୍ବରୁ ପରିବା ମାର୍କେଟକୁ ଶତାଧିକ ବ୍ୟବସାୟୀ ଆସୁଥିଲେ। ମନପସନ୍ଦର ଟଟକା ପନିପରିବା ମିଳୁଥିଲା। ଏବେ ସରକାରୀ କଟକଣା ଯୋଗୁ ବ୍ୟବସାୟୀ ଆସିବା ବନ୍ଦ କରି ଦେଇଛନ୍ତି। ହାତ ଗଣତି ବେପାରୀ ଦୋକାନ ଖୋଲୁଛନ୍ତି। ଚାହିଦା ତୁଳନାରେ ପରିବା ଆସୁ ନ ଥିବାରୁ ମନଇଚ୍ଛା ଚଢ଼ାଦରରେ ବିକ୍ରି କରୁଛନ୍ତି।

-ମହେଶ୍ୱର ବାରିକ, ଖାଉଟି

### ଗୋଦାମରେ ଚଢ଼ାଉ କରାଯାଉ



“ପରିବା ମାର୍କେଟରେ ଅମାନିଆମାନେ ଉତ୍ପାତ କରୁଛନ୍ତି। କରୋନା ଗାଇଡ୍‌ଲାଇନ୍ ପାଳନ କରାଯାଉନାହିଁ। କରୋନା ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି। ବ୍ୟବସାୟୀମାନେ ଗୋଦାମରେ ସାମଗ୍ରୀ ମହଜୁଦ କରି କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ପ୍ରଶାସନ ପକ୍ଷରୁ ଚଢ଼ାଉ କରାଗଲେ ଖାଉଟି ଉପକୃତ ହୋଇପାରନ୍ତେ।

-ତ୍ରିଲୋଚନ ବେହେରା, ଖାଉଟି

ଅମାନିଆଙ୍କୁ ନିୟନ୍ତ୍ରଣ, ସମସ୍ୟାକୁ ନଜର ଦେଇ କଟକଣାକୁ କୋହଳ କରା ନ ଗଲେ ବ୍ୟବସାୟ କରିବା କାଠିକର ପାଠ ହୋଇଯିବ ବୋଲି ବ୍ୟବସାୟୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏ ସଂକ୍ରାନ୍ତରେ ଭୁବନ ତହସିଲଦାର ପ୍ରଭାସ କୁମାର ବେଉରିଆ କୁହନ୍ତି, ଦରଦାମ ବୃଦ୍ଧି ସମ୍ପର୍କରେ ଅଭିଯୋଗ ମିଳିଛି। ଶନିବାର ଯୋଗାଣ ବିଭାଗ ଅଧିକାରୀଙ୍କୁ ନେଇ ବଜାରରେ ଚଢ଼ାଉ କରାଯିବ। ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଢେଙ୍କାନାଳରୁ ୧୪୨ ଆକ୍ରାନ୍ତ ଚିହ୍ନଟ

**ଢେଙ୍କାନାଳ ଅଫିସ, ୭।୫**

ଢେଙ୍କାନାଳ ଜିଲାରେ କରୋନା ସଂକ୍ରମଣ ଲମ୍ବା ଡିଆଁ ମାରିଛି। କିଛିଦିନ ଧରି ଦୈନିକ ପଜିଟିଭ୍ ସଂଖ୍ୟା ଦୁଇଅଙ୍କରେ ସୀମିତ ଥିବା ବେଳେ ଶୁକ୍ରବାର ହଠାତ୍ ଏଥିରେ ବୃଦ୍ଧି ଘଟିଛି। ଗତ ୨୪ ଘଣ୍ଟା ଭିତରେ ଜିଲାରୁ ୧୪୨



ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ହିନ୍ଦୋଳ ବ୍ଲକରୁ ସର୍ବାଧିକ ୪୫ଜଣ ଅଛନ୍ତି। ସେହିପରି ଢେଙ୍କାନାଳ ପୌରାଞ୍ଚଳରୁ ୧୬, ପରଜଙ୍ଗ ବ୍ଲକରୁ ୧୫, ଗଁଦିଆ ବ୍ଲକରୁ ୧୦, କାମାକ୍ଷାନଗର ବ୍ଲକରୁ ୯, ସଦର ବ୍ଲକରୁ ୯, କାମାକ୍ଷାନଗର ଏନ୍‌ଏସିରୁ ୬, ଓଡ଼ାପଡ଼ା ବ୍ଲକରୁ ୪, ହିନ୍ଦୋଳ ଏନ୍‌ଏସିରୁ ୩, ଭୁବନ ବ୍ଲକରୁ ୩ ଓ ଏନ୍‌ଏସିରୁ ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟ ଜଣେ ଚିକିତ୍ସାଳୟକୁ ଆସିଥିବାବେଳେ କୋଭିଡ୍ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସେହିପରି ଦିନକରେ ୧୧ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅଦ୍ୟାବଧି ଜିଲାର ମୋଟ ୬,୭୪୪ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୫,୯୯୩ ଜଣ ସୁସ୍ଥ ହୋଇସାରିଲେଣି। ୭୨୨ଜଣ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି। ୨୯ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

## ଫଟୋରେ ଖବର...



ଅନୁଗୋଳ ସହରରେ ଏକ ଜଳାଶୟରେ ଶିକାର ଅପେକ୍ଷାରେ ବଗ। (ଫଟୋ-ବୁବୁ)

# କଖାରୁ ଚାଷ ଉଜାଡ଼ିଲେ ହାତୀପଲ

**ଛେଣ୍ଡିପଦା, ୭।୫(ସ୍ୱ.ପ୍ର.)**




- ଛେଣ୍ଡିପଦା ବନାଞ୍ଚଳରେ ଭୟର ବାତାବରଣ
- ଜନବସତିରେ ପଶି ଘର ଭାଙ୍ଗିଲା ଦନ୍ତା
- ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି, ଫସଲ ନଷ୍ଟ

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳରେ ଦୀର୍ଘଦିନ ହେଲା ହାତୀ ଉପଦ୍ରବ ଲାଗି ରହିଛି। ଗୁରୁବାର ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ନୂଆଗାଁ ଜନବସତିରେ ପଶି ବ୍ୟାପକ କ୍ଷୟକ୍ଷତି କରିଛି। ସେହିପରି ହାତୀ ଉପଦ୍ରବରେ ଖମାର ଅଞ୍ଚଳର କେତେଜଣ ଚାଷୀଙ୍କ କଖାରୁ ଚାଷ ଉଜୁଡ଼ିଯାଇଛି।

ଜଙ୍ଗଲରୁ ହାତୀପଲ ବାହାରି ଜନବସତିକୁ ପଶି ଆସି ବ୍ୟାପକ କ୍ଷୟକ୍ଷତି କରୁଛନ୍ତି। ପଲରେ ଥିବା ଏକ ଗୋଠଛଡ଼ା ଦନ୍ତା ଇତସ୍ତତଃ ହୋଇ ବୁଲୁଛି। ଏହାର ହାବୁଡ଼ରେ ପଡ଼ିଲେ କେହି ବର୍ତ୍ତୁନାହାନ୍ତି। ଗୁରୁବାର ବିଳମ୍ବିତ ରାତିରେ ଉକ୍ତ ହାତୀପଲ ନୂଆଗାଁ ଗ୍ରାମ ଭିତରକୁ ପଶି ଆସି ଭୟ ଆତଙ୍କର ବାତାବରଣ ସୃଷ୍ଟି କରିଥିଲେ। ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ହାତୀଙ୍କ ଉପରେ ନଜର ରଖିଥିଲେ। ଅନ୍ୟ ଏକ ଦନ୍ତା ପଲରୁ ଅଲଗା ହୋଇ ତେଲିସାହିରେ ପଶି ଦ୍ୱିତୀୟ ମାଝିଙ୍କ ପାଚେରି ଭାଙ୍ଗି ଅଗଣାକୁ ପଶିଯାଇଥିଲା। ସେଠାରେ ଥିବା ଏକ ଇଟା କାନ୍ଥ, ଆଜବେଷ୍ଟସ୍ ଭାଙ୍ଗି ଦେବାସହ ଧାନ ଚାଉଳ ଖାଇ ନଷ୍ଟ କରି ଦେଇଥିଲା। ଏଥିରେ ପାଖାପାଖି ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଥିବା ଦ୍ୱିତୀୟ ଅଭିଯୋଗ କରିଛନ୍ତି। ସେହିପରି ଖମାର ଗ୍ରାମର ସନ୍ତୋଷ ପ୍ରଧାନଙ୍କ ପାତ୍ରଖାଲରେ ଲାଗିଥିବା ବୋଇତି କଖାରୁ ବଗିଚାକୁ ହାତୀପଲ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଏଥିରେ ତାଙ୍କର ଲକ୍ଷାଧିକ ଟଙ୍କାର ଫସଲ ନଷ୍ଟ ହୋଇଛି। ହାତୀପଲଙ୍କୁ ଘଉଡ଼ାଇବାରେ ବନ ବିଭାଗ ବିଫଳ ହୋଇଛି। କ୍ଷୟକ୍ଷତି ଠିକ୍ ଭାବେ ଆକଳନ କରାଯାଉନାହିଁ। ତେଣୁ ଉଚିତ କ୍ଷତିପୂରଣ ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। କୋଭିଡ୍ ମହାମାରୀ ଯୋଗୁ ବିଭିନ୍ନ କାରଣରୁ ଚାଷକାର୍ଯ୍ୟ ପ୍ରଭାବିତ ହୋଇଥିବାବେଳେ ଚାଷୀ ଚିନ୍ତାରେ ଥିବାବେଳେ ହାତୀ ଉପଦ୍ରବ ସେମାନଙ୍କ ସମସ୍ୟାକୁ ବହୁଗୁଣିତ କରିଦେଇଛି। ତୁରନ୍ତ ବନ ବିଭାଗ ଏହାର ପ୍ରତିକାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ପ୍ରତାପ ଚନ୍ଦ୍ର ରାଉଳ କହିଛନ୍ତି, ହାତୀର ମୁକାବିଲା ନିମନ୍ତେ ଲୋକଙ୍କ ସହଯୋଗ ଆବଶ୍ୟକତା ରହିଛି। ହାତୀ ଉପଦ୍ରବରେ କ୍ଷୟକ୍ଷତି ହେଲେ ବିଭାଗ ପକ୍ଷରୁ ସଠିକ ଆକଳନ କରାଯାଇ କ୍ଷତିପୂରଣ ଦିଆଯାଉଛି। ହାତୀଦାଉରୁ ଲୋକଙ୍କୁ ସଚେତନ କରିବା ପାଇଁ ହାତୀସ୍କ୍ୱାଡ୍ ଗଠନ କରାଯାଇଛି।

# କରୋନା ଚିକିତ୍ସା କେନ୍ଦ୍ର ଫୋନ୍ ନମ୍ବର ଜାରି

**ଅନୁଗୋଳ ଅଫିସ,୭।୫**

ଅନୁଗୋଳ ଜିଲାରେ କରୋନାରେ ଆକ୍ରାନ୍ତ ହୋଇ ବିଭିନ୍ନ ଲୋକ ଭିନ୍ନ ଭିନ୍ନ ସ୍ଥାନରେ ଚିକିତ୍ସା ହେଉଛନ୍ତି। ତେବେ ସେମାନଙ୍କର ଚିକିତ୍ସା କିଭଳି ଭାବେ ଚାଲୁଛି, ସେମାନଙ୍କର ଅଚର ବ୍ୟବହାର କଣ ରହୁଛି। ସେ ସମ୍ପର୍କରେ ଏଣିକି ପରିବାର ଲୋକ ଘରେ ବସି ତଥ୍ୟ ରଖିପାରିବେ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ୪ଟି ସ୍ୱାସ୍ଥ୍ୟ କେନ୍ଦ୍ର ନମ୍ବର ଜାରି କରାଯାଇଛି। ଅନୁଗୋଳ ସ୍ଥିତ କୋଭିଡ୍ କେୟାର ସେଣ୍ଟରରେ ଯୋଗାଯୋଗ କରିବାକୁ ୯୩୪୮୯୦୫୪୨୦ ନମ୍ବର ଜାରି କରାଯାଇଥିବାବେଳେ ସିପିପି ତାଳଚେର ପାଇଁ ୯୩୪୮୯୩୬୭୦୯, ତାଳଚେର କୋଭିଡ଼-୧୯ ମେଡ଼ିକାଲ ପାଇଁ ୭୬୦୫୯୪୭୦୮୬ ଓ ବଅଁରପାଳ ଇଏସ୍ଆଇ ହସ୍ପିଟାଲ ପାଇଁ ୯୩୩୭୯୨୭୬୮୩ ନମ୍ବର ଜାରି କରାଯାଇଛି। ଏଥିସହ ଜିଲା କୋଭିଡ୍ ହେଲ୍ପ ଲାଇନ୍ ନମ୍ବର ଭାବେ ୦୬୭୬୪-୨୩୦୬୧୨ ଓ ୯୪୩୯୯୮୧୭୫୬ ନମ୍ବର ଜାରି କରାଯାଇଛି। ଏହି ଜିଲା କୋଭିଡ ହେଲ୍ପ ଲାଇନ୍ ନମ୍ବରରେ କୋଭିଡ ରୋଗୀଙ୍କୁ ଚିକିତ୍ସା ସମ୍ପର୍କରେ ପରିବାର ଲୋକ ଯୋଗାଯୋଗ କରିପାରିବେ। ସେହିଭଳି ମେଡ଼ିକାଲରେ ଚିକିତ୍ସା ହେଉଥିବା ଲୋକଙ୍କ ସମ୍ପର୍କରେ ପରିବାର ଲୋକ ଅବଗତ ହୋଇପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ରାସୋଳରେ କଡ଼ାକଡ଼ି ଯାଞ୍ଚ

**ରାସୋଳ, ୭।୫(ଡି.ଏନ.ଏ.)**

ଲକ୍‌ଡାଉନ୍ ସମୟରେ ହିନ୍ଦୋଳ ବ୍ଲକ ରାସୋଳ ଅଞ୍ଚଳରେ ଯାଞ୍ଚ କାର୍ଯ୍ୟ କଡ଼ାକଡ଼ି କରାଯାଇଛି। ଉପଜିଲାପାଳ ଉଦୟନାଥ ମହାପାତ୍ର, ତହସିଲଦାର ସୁଶାନ୍ତ ମିଶ୍ର ପୋଲିସ ସହାୟତାରେ ବ୍ୟବସାୟୀଙ୍କୁ ସଚେତନ କରାଇଥିଲେ। ବ୍ୟବସାୟିକ ପ୍ରତିଷ୍ଠାନରେ କିଭଳି କୋଭିଡ୍ ଗାଇଡ୍‌ଲାଇନ୍ ପାଳନ ହେଉଛି, ସେ ନେଇ ତନାଘନା କରାଯାଇଥିଲା। ସେହିପରି ରାସୋଳ ବଜାରଠାରୁ ନାଉକିଆରି ଛକ ଯାଏ ଅଧିକାରୀମାନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ଯାଏ ଯାଞ୍ଚ କରିଥିଲେ। କେତେଜଣ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ଏଥିସହ ସାପ୍ତାହିକ ହାଟ ବନ୍ଦ କରାଯାଇଥିଲା।



ରାସୋଳରେ କଡାକଡି ଯାଞ୍ଚ ଚାଲିଛି।

# ପଥର ବ୍ଲାଷ୍ଟିଂରେ ଫାଟିଲା ଘର

**ବଇଣ୍ଡା, ୭।୫(ଡି.ଏନ.ଏ.)**



ପଥର ବ୍ଲାଷ୍ଟିଂରେ ଫାଟି ଯାଇଥିବା ଘରର କାନ୍ଥ।

- ଖଣ୍ଡବର ଗ୍ରାମରେ ଉତ୍ତେଜନା
- କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କଲା ପ୍ରଶାସନ

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଜମୁନାଳି ପଞ୍ଚାୟତ ଖଣ୍ଡବର ଗ୍ରାମରେ ଠିକାସଂସ୍ଥା ପକ୍ଷରୁ କରାଯାଉଥିବା ପଥର ବ୍ଲାଷ୍ଟିଂରେ ଘର କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଅନ୍ୟପଟେ ଅଭିଯୋଗ ଜିଲା ପ୍ରଶାସନ ନିକଟରେ ପହଞ୍ଚିବା ପରେ ତରବରିଆ ଭାବେ କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯାଇଥିଲା। ହେଲେ ସମ୍ପୃକ୍ତ ଠିକାସଂସ୍ଥା ପୁଣି ଥରେ ପଥର ଫୁଟାଇବା ଲାଗି ମସୁଧା କରୁଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି।

ଅଭିଯୋଗ ଅନୁଯାୟୀ, ଠିକାସଂସ୍ଥା ପକ୍ଷରୁ ରାସ୍ତା ନିର୍ମାଣ ଲାଗି ଗ୍ରାମ ନିକଟରେ ଥିବା ଖାଦାନରୁ ବେଆଇନ ଭାବେ ପଥର ବ୍ଲାଷ୍ଟିଂ କରାଯାଉଛି। ଏଥିରେ ଅଞ୍ଚଳରେ ଥିବା ଘରଗୁଡ଼ିକ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି। କିଛିମାସ ହେଲା ରାତିଅଧିଆ ବ୍ଲାଷ୍ଟିଂରେ ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି। ଏ ନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନାହିଁ। ସମସ୍ୟା ସମ୍ପର୍କରେ ଗ୍ରାମର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ବିଧିବଦ୍ଧ ଭାବେ ଅଭିଯୋଗ କରିଥିଲେ। ପଥର ବ୍ଲାଷ୍ଟିଂ ଯୋଗୁ ଗ୍ରାମବାସୀଙ୍କ ଜୀବନଜୀବିକା ବିପଦରେ ପଡ଼ିଛି। ଅନେକ ଘରର କାନ୍ଥ ଫାଟି ଯାଇଥିବା ସେମାନେ ଅଭିଯୋଗ କରିଥିଲେ। ଏହାପରେ ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଘରଗୁଡ଼ିକୁ ଚିହ୍ନଟ କରାଯାଇଥିଲା। ପୋଲିସକୁ ହାତକରି ସମ୍ପୃକ୍ତ ଠିକାସଂସ୍ଥା ପୁଣି ଥରେ ପଥର ବ୍ଲାଷ୍ଟିଂ କରିବାକୁ ଯୋଜନା କରୁଥିବା ଜଣାପଡ଼ିବା ପରେ ଗ୍ରାମବାସୀ ତୀବ୍ର ବିରୋଧ କରିଥିଲେ।

ଏ ସଂକ୍ରାନ୍ତରେ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର କୁହନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ତଦନ୍ତ କରାଯିବ। ବେଆଇନଭାବେପଥରବ୍ଲାଷ୍ଟିଂହେଉଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

